# ସୁଦଶା ବ୍ରତ କଥା

ବୈବସ୍ୱତ୍ ମନୁ ପୁଚ୍ଛାକଲେ, ଭୋ ଅଗସ୍ତି ମୋତେ ପଦ୍ମ ପୁରାଣକଥା କହିବା ହେଉ। ଅଗସ୍ତି କହିଲେ, ମହାଲକ୍ଷ୍ମୀ କଥା ଶୁଣିଲେ ବହୁତ ପୁଣ୍ୟ ହେବ। ଧନଜନ, ଆୟୁବଳ ପ୍ରାପ୍ତ ହେବ । ସ୍ତ୍ରୀ ସୁଲକ୍ଷଣୀ ହୋଇବ। ସୂତମୁନି କହିଲେ, ସେ କଥା ମୋତେ କୁହନ୍ତୁ । ଅଗସ୍ତି କହିଲେ - ସତ୍ୟଯୁଗେ ବୀର ବିକ୍ରମ ନାମେ ଜଣେ ରାଜା ଥିଲେ । ରାଣୀ ନାମ ରତ୍ନାବତୀ। ମନ୍ତ୍ରୀଙ୍କ ନାମ ତ୍ରିକୁଟେଶ୍ୱର ଓ ମନ୍ତ୍ରୀଙ୍କ ପତ୍ନୀଙ୍କ ନାମ ପଦ୍ମାବତୀ । ଏ ଦୁହେଁ ସଖୀ ସମୁଦ୍ରକୁ ସ୍ନାନ କରିବାକୁ ଗଲେ। ଦେଖିଲେ ସ୍ୱର୍ଗରୁ ଦେବକନ୍ୟାମାନେ ଆସି ସ୍ନାନ କରୁଛନ୍ତି । ସ୍ନାନତଟରେ ଗୋଟିଏ ମଣ୍ଡପ ଅଛି । ତହିଁରେ ସେ ଦେବ କନ୍ୟାମାନେ ଗୋଟିଏ ମଣ୍ଡପ ସ୍ଥାପି ଗୁଆ ଘୃତ ଜାଗର ଦେଇ ଗୋସାମଣୀଙ୍କୁ ପୂଜା କରୁଛନ୍ତି । ଏମନ୍ତ ଦୁଇ ସଖୀ ଦେବକନ୍ୟାଙ୍କୁ ପଚାରିଲେ, ଏ ତୁମ୍ଭର କି ବ୍ରତ ? ଦେବକନ୍ୟାଏ କହିଲେ ଏ ଆମ୍ଭର ସୁଦଶା ବ୍ରତ । ଏହା କଲେ ମନୋବାଞ୍ଛା ପୂର୍ଣ୍ଣ ହୁଅଇ । ଏ ବ୍ରତ ତୁମ୍ଭେ କର । ମ ର୍ତ୍ୟପୁରରେ ବିଖ୍ୟାତ ହେଉ। ପଦ୍ମାବତୀ ଓ ରତ୍ନାବତୀ କହିଲେ, ଏହାର ବିଧାନ କୁହ। ଦେବକନ୍ୟା କହିଲେ, ଏ ବ୍ରତ ଅଗସ୍ତି ଆମ୍ଭଙ୍କୁ କହିଥିଲେ। ଯେଉଁଦିନ ଶୁକ୍ଲ ପକ୍ଷରେ ଦଶମୀ ଗୁରୁବାର ହୁଏ, ସେ ଦିନ ଲକ୍ଷ୍ମୀଙ୍କ ସୁଦଶା ବ୍ରତ ହୁଅଇ । ତହିଁର ବିଧିବିଧାନ ଶୁଣ। ଦଶକେରା ଦୁବ, ହଳଦୀଚୂର୍ଣ୍ଣ, ଦଶଗୋଟି ଗୁଆ, ଦଶବର୍ଣ୍ଣର ପୁଷ୍ପ (ଶୁକ୍ଲ ପା ବର୍ଣ୍ଣ ଓ ରକ୍ତ ପା ବର୍ଣ୍ଣ) ପାଟସୁତା ଦଶଖିଅ ତ୍ରିଗୁଣ କରି ବଳିବ। ନ ମିଳିଲା ପ୍ରାୟେ ଶୁକ୍ଲ ସୁତାରେ ବ୍ରତ କରି ତହିଁରେ ଦଶଗଣ୍ଠି ପକାଇବ। ଗୁଆ ଘୃତରେ ଦଶଖିଅ ସୁତା ବଳିତା କରି ଦୀପ ଜାଳିବ। ଦଶଗୋଟି ପିଠା ତହିଁରେ ଛେନା, ନଡ଼ିଆ, ମୁଗ, ଜୀରା, କର୍ପୂର ଦେଇ ବିଧିମତେ ପୂଜା ସ୍ଥାନରେ ପଦ୍ମ ଗୋଟିଏ ଲେଖିବ। ଆଚାର୍ଯ୍ୟ ବରଣ କରି ପଦ୍ମ ପୁରାଣ କଥା ଶୁଣିବ, ପୂର୍ବୋକ୍ତ କଥା କହୁଛି ଶୁଣ।

ବୀର ବିକ୍ରମାଦିତ୍ୟ ନାମେ ଜଣେ ରାଜା ଥିଲେ । ରାଣୀଙ୍କ ନାମ ସୁଲକ୍ଷଣୀ, ମନ୍ତ୍ରୀର ଭାରିଜା ନାମ ଦୁଲ୍ଲଣୀ। ଏ ଦୁହେଁ ପରଲୋକ ହେଲାରୁ ଯମରାଜ ପାପପୁଣ୍ୟ ବୁଝିବାରୁ ମନ୍ତ୍ରୀ ଭାରିଜା ବଡ଼ ହେଲା। ରାଣୀ କହିଲେ ମୁଁ ବଡ଼, କାହିଁକି ପାଦତଳେ ରହିଲି । ସେ କହିଲେ ତୁ ଲକ୍ଷ୍ମୀବ୍ରତ କରିନାହୁଁ । ସେ ଲକ୍ଷ୍ମୀ ବ୍ରତ ପ୍ରସାଦରୁ ସ୍ୱର୍ଗକୁ ଗଲା। ତୁ ଏହି ବ୍ରତ କଲେ ସ୍ୱର୍ଗକୁ ଯିବୁ । ସେ ଦୁହେଁ ପୁଣି ମ ର୍ତ୍ୟରେ ଜନ୍ମ ହେଲେ, ରାଣୀ ମନ୍ତ୍ରୀ ଘରେ ଓ ମନ୍ତ୍ରୀ ପତ୍ନୀ ରାଜକୁଳେ ଜନ୍ମ ନେଲେ। ଏକାନଗ୍ରେ ଦୁହେଁ ମଇତ୍ର ହୋଇ ରହିଲେ। ତଦନ୍ତରେ ଜ୍ୟେଷ୍ଠ ଶୁକ୍ଲ ଦଶମୀ ଗୁରୁବାର ହେଲା, ମନ୍ତ୍ରୀ ଭାରିଜା ରାଣୀଙ୍କୁ କହିଲେ, ଆଜି ସୁଦଶା ବ୍ରତ ହୋଇଛି, ରାଣୀ ରାଜାଙ୍କୁ ଏହା କହିଲେ। ରାଜା ଶୁଣି ନଗ୍ରରେ ଝୋଟି ଦିଆଇ ଦିବ୍ୟ ଚାନ୍ଦୁଆ ଟାଣିଲେ। ରାଣୀ ସୁଦଶା ବ୍ରତ କରୁଛନ୍ତି। ଶୁକ୍ଲ ପାଟରେ ବ୍ରତକରି ମହାଲକ୍ଷ୍ମୀ ନାମଧରି ଗଣ୍ଠି ପକାଇବେ । ଏ ରୂପରେ ଦଶଗଣ୍ଠି

- ପ୍ରଥମେ ମହାଲକ୍ଷ୍ମୀ, ୨ୟେ କମଳା, ୩ୟେ ପଦ୍ମା, ୪ର୍ଥେ ହରିପ୍ରିୟା, ୫ମେ ଦାରିଦ୍ର୍ୟାଭଞ୍ଜନୀ, ୬ଷ୍ଠେ କୌମଦକୀ, ୭ମେ ଗଜବାହିନୀ, ୮ମେ ଚ ଳା, ୯ମେ ଜାନକୀ ଓ ୧୦ମେ ରୁକ୍ମିଣୀ। ଏହାଙ୍କ ନାମଧରି ଦଶଗଣ୍ଠି ପକାଇବ, ବ୍ରାହ୍ମଣ ବରଣ କରି କଥା ଶୁଣିବ। ଏହିରୂପେ ବ୍ରତକରି ହସ୍ତରେ ବନ୍ଧନ କଲେ, ପିଠା ପଣାକଲେ । ଏମନ୍ତ କେତେଦିନ ଅନ୍ତରେ ମନ୍ତ୍ରୀ ଭାରିଯାର ବ୍ରତ ହଜିଲା। ବ୍ରତ ନପାଇ ସେ ତିନିଦିନ ଉପବାସେ ରହିଲା। ମନ୍ତ୍ରୀ ଭାର୍ଯ୍ୟାର ଦେହ କ୍ଷୀଣ ହେବାରେ ସେ ରାଜାଙ୍କ ଛାମୁରେ ଜଣାଇଲେ, ଭୋଦେବ ମୋ ପତ୍ନୀ ମରୁଅଛି। ରାଜା ଏଥିର କାରଣ ପଚାରିବାରୁ ସେ କହିଲେ ସୁଦଶାବ୍ରତ ହଜିଗଲା, ବହୁତ ଖୋଜି ପାଇଲୁ ନାହିଁ। ମୋ ପତ୍ନୀ କହିଲା ବ୍ରତ ଯଦି ନ ମିଳେ କାହାଠାରୁ ପୁରୁଣାବ୍ରତ ଗୋଟିଏ ଆଣିଲେ ମୁଁ ଅନ୍ନ ଭୋଜନ କରିବି । ରାଜା କହିଲେ ମୋ ରାଜ୍ୟରେ ସେ ବ୍ରତ କେହୁ କରୁଅଛି କହ ଆମ୍ଭେ ଆଣିଦେବୁ । ମନ୍ତ୍ରୀ ଶୁଣି କହିଲେ ଆପଣଙ୍କ ରାଣୀଙ୍କଠାରେ ଅଛି । ରାଜା ଏହା ଶୁଣି ରାଣୀଙ୍କୁ କହିଲେ ତୁମ୍ଭର ପୁରୁଣା ବ୍ରତ ଗୋଟିଏ ଦିଅ । ମନ୍ତ୍ରୀର ଭାର୍ଯ୍ୟା ଉପବାସେ ମରୁଅଛି । ରାଣୀ କହିଲେ ମୋର କ'ଣ ଗଲା ? ମୁଁ କିମ୍ପା ତାଙ୍କୁ ଦେବି । ରାଜା ଅନେକବାର ବୁଝାଇଲେ । ରାଣୀ ବୁଝାଇ କହିଲେ ମୁଁ ବ୍ରତ ଦେଲେ ସକଳ ସମ୍ପ ି ମନ୍ତ୍ରୀଙ୍କର ହେବ । ରାଜା ବଳାତ୍କାରେ ରାଣୀଙ୍କ ହସ୍ତରୁ ବ୍ରତ ଛଡ଼ାଇ ନେଇ ମନ୍ତ୍ରୀଙ୍କ ହସ୍ତରେ ଦେଲେ। ମନ୍ତ୍ରୀ ତାହା ନେଇ ସ୍ତ୍ରୀଙ୍କୁ ଦେଲେ। ସେ ସ୍ନାନ କରି, ଶୁକ୍ଳପାଟ ପିନ୍ଧି, ଉପରାଣ ଦେଇ ମହାଲକ୍ଷ୍ମୀଙ୍କୁ ସ୍ମରଣ କରି ବ୍ରତ ହସ୍ତରେ ବାନ୍ଧିଲେ। ତା'ପରେ ସେ ଅନ୍ନ ଭୋଜନ କଲେ। ଅଳ୍ପଦିନ ପରେ ରାଜାଙ୍କର ରାଜ୍ୟ, ସମ୍ପ ି ଚ୍ୟୁତ ହେଲା। ପାତ୍ର ଅମାତ୍ୟମାନେ ଭଣ୍ଡାର ଜୁର କଲେ। ରାଜାଙ୍କୁ ଧନ ମାଗନ୍ତି, ତୁମ୍ଭେ ଧନ ନଦେଲେ ରାଜ୍ୟରୁ ଅନ୍ତର ହୁଅ, ଆମ୍ଭେ ଅନ୍ୟ ରାଜା କରିବୁ । ରାଜା ଏହିକଥା ରାଣୀଙ୍କୁ କହିବାରୁ ରାଣୀ କହିଲେ - ହେ ଦେବ, ମୋତେ ଛାଡ଼ିକରି ଯିବ ନାହିଁ। ମୁଁ ତୁମ ସଂଗେ ଥିଲେ ଦୁଃଖକୁ ସୁଖ ମଣିବି । କେତେଦିନ ଅନ୍ତେ ରାଜା ନଗ୍ରରୁ ବାହାର ହୋଇଗଲେ। ରାଜାଙ୍କ ଦୁଇ ପୁଅଙ୍କୁ ଲକ୍ଷ୍ମୀ ସନ୍ତୋଷ ହୋଇ ମାୟାରେ ରାଣୀଙ୍କ ପାଖରୁ ନେଇ ସାଧବ ଘରେ ରଖି ଅନ୍ତର୍ଦ୍ଧାନ ହେଲେ।

ଏଣେ ରାଜାରାଣୀ ବହୁତ କଷ୍ଟ ପାଇ ଅରଣ୍ୟକୁ ଗଲେ, ବନସ୍ତରେ ଖାଇବାକୁ ପାଇଲେ ନାହିଁ, ଫଳମାନ ଅଦୃଶ୍ୟ ହେଲା । ମହାକ୍ଷୁଧାରେ ପୁଷ୍କରିଣୀ କୂଳେ ପ୍ରବେଶ କଲେ। ରାଣୀ କହିଲେ, ମୁଁ ମଲୁଖ ତଣ୍ଡୁଳ ମାଣେ ଆଣିଛି। ରାଜା କହିଲେ, ମୋତେ ବହୁତ କ୍ଷୁଧା ହେଲାଣି ମୁଠାଏ ରନ୍ଧନ କରିଦିଅ । ରାଜା ପୁଷ୍କରିଣୀରେ ପ୍ରବେଶ କରି ଦେଖିଲେ, ମହାଲକ୍ଷ୍ମୀଙ୍କ ମାୟାରେ ମଲାମାଛ ଦୁଇଟି ପଡିଛି । ସେ ମାଛ ଦୁଇଗୋଟି ଧରିଆଣି ରାଣୀଙ୍କୁ ଦେଇ କହିଲେ, ଏ ମାଛକୁ ପୋଡ଼ିଦେବ । ରାଣୀ ଭାବିଲେ ରାଜାଙ୍କ ସ୍କନ୍ଧରୁ ଲକ୍ଷ୍ମୀ ଛାଡ଼ିଯିବାରୁ ଏମନ୍ତ କହୁଛନ୍ତି । ରାଣୀ ସେ ମାଛକୁ ଅଗ୍ନିରେ ପକାନ୍ତେ ମାଛ ଦୁଇଟି ଲକ୍ଷ୍ମୀଙ୍କ ମାୟାରେ ଅଗ୍ନିରୁ ଯାଇ ପାଣିରେ ପଡ଼ିଲେ। ରାଣୀ

ଏ ବିସ୍ମୟ କଥା ରାଜାଙ୍କୁ କହିଲେ, ମଲା ମାଛ କେମନ୍ତ ଜୀବନ ପାଇଲା, ଏତ ବିପରୀତ ଅଟଇ, ତୁମ୍ଭେ ମୋ ଠାରେ ମାୟା କଲ। ଏହା କହି ଅନ୍ନଭୁଞ୍ଜି ରାଜାରାଣୀ ମନମାରି ବନରେ ଯାଉଛନ୍ତି । ଯାଉ ଯାଉ କମଳିନୀ ଦେଶରେ ପ୍ରବେଶ କଲେ। ସେଠାରେ ଏକ ଶାଳବୃକ୍ଷ ତଳେ ରହିଲେ। ରାଣୀ ମହାଲକ୍ଷ୍ମୀଙ୍କୁ ଚିନ୍ତାକରି ସ୍ତୁତି କଲେ। ସେ ସ୍ତୁତିରେ ମହାଲକ୍ଷ୍ମୀ ଦୟା କଲେ। ରାଜାରାଣୀ କମଳିନୀ ନଗ୍ରରେ ପ୍ରବେଶ ହେଲେ। ସେ ନଗ୍ରେ ସାଧବ ରତ୍ନାକର ଲକ୍ଷ୍ମୀଧର ତାଙ୍କ ମଣ୍ଡପରେ ବସିଛନ୍ତି । ରାଜା ସେହି ମଣ୍ଡପକୁ ଗଲେ । ରାଣୀ ଅନ୍ୟ ବାଟେ ପୁଷ୍କରିଣୀ କୂଳେ ପ୍ରବେଶ କଲେ । ରାଣୀ ସର୍ବଶୂନ୍ୟ ଦେଖି କ୍ରୋଧ କଲେ । ସେ ଦିନ ଶନିବାର ସପ୍ତମୀ । ସାଧବ ଭାର୍ଯ୍ୟା ସାତବୋହୂ ନାତି ନାତୁଣୀ ଘେନି ପୁଷ୍କରିଣୀକୁ ସ୍ନାନ କରିବାକୁ ଆସିଛନ୍ତି । ରାଣୀଙ୍କୁ ଦେଖି ପଚାରିଲେ ମାୟେ ! ତୁମ୍ଭେ କାହୁଁ ଅଇଲ ? ରାଣୀ ବୋଇଲେ ମୁଁ ବଡ଼ ଦୁଃଖୀ । ସାଧବାଣୀ କହିଲେ, ତୁମେ ଆମ ଘରେ ରହିବ କି ? ରାଣୀ ବୋଇଲେ, ଯେବେ ତୁମ୍ଭେ ରଖିବ ମୁଁ ରହିବି ତୁମ୍ଭେ ସତ୍ୟ କର। ଏହା ଶୁଣି ସାଧବାଣୀ ବୋଇଲେ ମୁଁ ସତ୍ୟ କଲି କହ। ରାଣୀ କହିଲେ, ମୋତେ ପାଲଟା, ଉଚ୍ଛିଷ୍ଟ ଛୁଆଇବ ନାହିଁ। ସାଧବାଣୀ କହିଲେ ମୋର ଅନେକ ଦାସୀ ଅଛନ୍ତି । ତୁମ୍ଭେ ପାଲଟା ଧୋଇବ ନାହିଁ। ତୁମେ ମୋ ଝିଅଙ୍କ ସଙ୍ଗେ ସାଙ୍ଗ ହୋଇ ରହିବ । ଏମନ୍ତ ଶୁଣି ରାଣୀ ସାଧବ ଘରେ ରହିଲେ। ଏଣେ ରାଜାଙ୍କୁ ସାଧବ ବୋଇଲେ, ହେ ମହାତ୍ମା ! ତୁମେ କାହୁଁ ଅଇଲ ? ରାଜା ବୋଇଲେ, ଭାଇ ହେ କିମ୍ପା ସଙ୍କୁଳ । ମୋତେ ଘର ଖଣ୍ଡିଏ ଦିଅ, ମୁଁ ଭିକ୍ଷାମାଗି ଚଳିବି । ସାଧବ କହିଲେ ଆମ୍ଭ ରାଜ୍ୟରେ କେହି ଭିକ୍ଷା କରନ୍ତି ନାହିଁ। ତୁମ୍ଭେ ମୂଲ ଲାଗି ପାରିବ କି ? ରାଜା ବୋଇଲେ, ମୂଲ ଲାଗିଲେ ହେବ କି ? ଏହା ଶୁଣି ରାଜାକୁ ଘରକୁ ନେଇଗଲେ। ସାଧବ ଘରେ ରାଜା ନିରୀକ୍ଷକ ପଣେ ରହିଲେ, ରାଣୀ ପରିଜନ ହୋଇ ରହିଲେ। ଶ୍ରୀଲକ୍ଷ୍ମୀଙ୍କ କୃପାରୁ କିଛିଦିନ ଅନ୍ତେ ସାଧବ ଭାତ ତିଅଣ ନାନାବର୍ଣ୍ଣର କରି ଏକାବେଳେ ରାଜାଙ୍କୁ ଦେଇ କହିଲେ, ହେ ମହାତ୍ମା ଏହା ଧରି ବିଲକୁ ଯିବା । ରାଜା ମୁଣ୍ଡରେ ଭାତ ତିଅଣ ନେଇ କିଛି ଦୂରଯାନ୍ତେ ରାଜାର ଦୁଃଖୀ ଶ୍ରୀଲକ୍ଷ୍ମୀ ଜାଣି ମାୟାରେ ରାଜା ମୁଣ୍ଡରୁ ବୋଝ ଫୋପଡ଼ାଇଦ୍ୟନ୍ତେ ଭାତ ତିଅଣ ନଷ୍ଟ ହେଲା। ସାଧବ କହିଲେ ମହାତ୍ମା ତୁମେ ବଡ଼ ପାପୀ । ଏହା କହି ତାହାଙ୍କୁ ନିରେଖି ଚାହିଁଲେ। ଦେଖିଲେ ବିଦ୍ୟାଧର ପ୍ରାୟ ଦିଶୁଛନ୍ତି। ଅନ୍ୟ ଭାତ ତିଅଣ ବିଲକୁ ନେଲେ ରାଜା ସାଧବ ଘରେ ରହିଲେ। ଏମନ୍ତ କିଛି ଦିନ ଅନ୍ତରେ ଗ୍ରହଣ ପଡ଼ିଲା। ସମସ୍ତେ ନଦୀକୁ ସ୍ନାନ କରିଗଲେ। ସାଧବାଣୀ ରାଣୀକୁ କହିଲେ ସ୍ନାନକୁ ଯିବା, ରାଣୀ ବୋଇଲେ ତୁମ୍ଭେ ସମସ୍ତେ ଯାଅ, ମୁଁ ପରେ ଯିବି । ସାଧବାଣୀ ଝିଅ ଓ ବୋହୂ ଗନ୍ତାଘରୁ ଅଳଙ୍କାର ଫରୁଆ ଆଣି ରାଣୀଙ୍କୁ ଦେଇଗଲେ। ରାଣୀ ବସି ଅ ।ରୁ ଖଡ଼ି କାଢି ଗୋଟିଏ ପିତୁଳା ଲେଖିଲେ। ଲକ୍ଷ୍ମୀଙ୍କ ମାୟାରୁ ସେ ପିତୁଳାରୁ ହଂସଟିଏ ବାହାରି ଅଳଙ୍କାର ଫରୁଆ ଗିଳିଲା। ରାଣୀ ଏହା ଦେଖି ବିସ୍ମୟ ହେଲେ, ଏକି ବିପରୀତ । ଏମନ୍ତ ସମୟେ ସାଧବାଣୀ, ସ୍ନାନ ସାରି ଆସି ବୋଇଲେ, ଅଳଙ୍କାର ଫରୁଆ ଦିଅ। ରାଣୀ କହିଲେ ମାଏ, ତୁମ

ଅଳଙ୍କାର ଫଗୁଆ ଏ କାନ୍ଥର ଚିତ୍ର ପିତୁଳା ଗିଳିଲା। ସାଧବାଣୀ ଭାବିଲେ ଏ ଲକ୍ଷ୍ମୀଛଡ଼ା ହୋଇଛନ୍ତି ସେ ଅନ୍ୟ ଅଳଙ୍କାର ଆଣି ଲଗାଇଲେ। ଏ ଅନ୍ତରେ ମାଘ ଶୁକ୍ଳ ଦଶମୀ ଗୁରୁବାରେ ସୁଦଶା ବ୍ରତ ପଡ଼ିଲା। ସାଧବାଣୀ ମହା ଆନନ୍ଦରେ ଘର ଲିପାପୋଛା କରି, ଝୋଟି ଆଦି ଦେଇ, ସ୍ତମ୍ଭମାନଙ୍କରେ ଶୁକ୍ଳ ପାଟ ବେଢ଼ାଇଛି । ଉପରେ ଫୁଲ ଚାନ୍ଦୁଆ ଲମ୍ବାଇ କମଳିନୀଙ୍କୁ ଖଟୁଳିରେ ବିଜେ କରାଇଲେ। ଦଶନାଡ଼ ଦୁବ, ତଣ୍ଡୁଳ ଦଶଟି, ଶୁକ୍ଳ ପାଟସୁତାରେ ଦଶହାତ ତିନିଗୁଣ କରି ଦଶଗଣ୍ଠି ପକାଇ ଲକ୍ଷ୍ମୀବ୍ରତ ବୋଲି ଆନନ୍ଦ ହେଉଛନ୍ତି । ଏହା ଦେଖି ରାଣୀ ସାଧବାଣୀଙ୍କୁ ପଚାରିଲେ, ଏ ଉତ୍ସବ କ'ଣ ? ସାଧବାଣୀ କହିଲେ, ଏ ବ୍ରତ କଲେ ମନୋବାଞ୍ଛା ସିଦ୍ଧି ହୁଏ। ଏ ବ୍ରତର ନାମ ସୁଦଶା ବ୍ରତ । ସାଧବାଣୀ ରାଣୀଙ୍କୁ କହିଲେ ତୁମ୍ଭେ ଏ ବ୍ରତ ଆମ୍ଭ ଘରେ କର । ରାଣୀ ସ୍ୱୀକାର କରି ବ୍ରତ ପାଳିଲେ।

ତା'ପରେ ସାଧବାଣୀ ଖଟୁଳିରେ ମହାଲକ୍ଷ୍ମୀଙ୍କୁ ବସାଇ ଶୁକ୍ଳ ପାଟେଁକ ପହୁଡ଼ି, ନେତର ମୁକୁଳି ଦେଇ ବିଜେ କରାଇଲେ। ବ୍ରାହ୍ମଣଙ୍କୁ ବରଣ କରି ଆଣି ସୁଦଶାବ୍ରତ କଥା ଶୁଣିଲେ। ହୁଳହୁଳି ଦେଲେ, ଯେ ଯାହା ମନରେ ଧ୍ୟାନ କଲେ। ରାଣୀ ମନେ ମନେ ଧ୍ୟାନ କଲେ - ହେ ଲକ୍ଷ୍ମୀ, ତୁମ୍ଭେ ମୋର ମନୋବାଞ୍ଛା ଜାଣ, ଏମନ୍ତ ବୋଲି ରାଣୀ ରୋଦନ କରି ସେ ସ୍ତୁତି କଲେ ଭୋ ମାତ ତ୍ରୈଲୋକ୍ୟପାଳିନୀ, ଜଗତଜନନୀ, ହରିପ୍ରିୟା, ଜଗନ୍ନାଥ ବଲ୍ଲଭୀ, ପରମବୈଷ୍ଣବୀ, କୃଷ୍ଣବଲ୍ଲଭୀ, ଜନକ କୁମାରୀ, ସିନ୍ଧୁ ନନ୍ଦିନୀ, ଦାରିଦ୍ର୍ୟ ଭଞ୍ଜନୀ ମୋତେ କରୁଣାକର।

ରାଣୀଙ୍କ ବିନୟ ଶୁଣି ଲକ୍ଷ୍ମୀ ସନ୍ତୋଷ ହୋଇ ସ୍ୱପ୍ନ ପ୍ରାୟେ ସେ ରାଣୀଙ୍କୁ ଚେତାଇ କହିଲେ, ମୋର ବ୍ରତ ଅନ୍ୟକୁ ଦେବାରୁ ଏ ଅବସ୍ଥା ପାଇଲୁ। ପୁନରପି ତୁମ୍ଭେ ରାଜାରାଣୀ ହୋଇ ରହିବ। ଏହା କହି ସେ ଅନ୍ତର୍ଦ୍ଧାନ ହେଲେ। ଯେ ଯାହା ଦୁବଚାଉଳ ଘେନି ବ୍ରତ ହାତରେ ବାନ୍ଧିଲେ ଓ ପ୍ରସାଦ ସେବନ କଲେ। ତେଣେ ଯେ ରାଜକଟକ ହତପାତ ହୋଇଥିଲା। ଲକ୍ଷ୍ମୀନଗରରେ ଉଚାଟ କରାଇଲେ। ପ୍ରତ୍ୟେକ ପରସ୍ପରରେ ରାଜା ହେବୁ କହି ଗୋଳ କଲେ। ତହୁଁ ମନ୍ତ୍ରୀ କହିଲେ - ଏବେ ଆମ୍ଭ ବୋଲକର । ପାଟହସ୍ତୀ ମୁଣ୍ଡରେ ସ୍ୱର୍ଣ୍ଣ କଳସ ଥୋଇବା । ସେ ସ୍ୱର୍ଣ୍ଣ କଳସୀ ଯା ମୁଣ୍ଡରେ ଢାଳିବ ସେ ରାଜା ହେବ। ଏହା ସମସ୍ତେ ସମ୍ମତ ହେଲେ। ପାଟହସ୍ତୀ ମୁଣ୍ଡରେ ସୁବର୍ଣ୍ଣ କଳି ଦେଇ କହିଲେ, ଭୋ ହସ୍ତୀ, ରାଜ୍ୟକୁ ଯେ ଯୋଗ୍ୟ ହେବ ତାହାରି ଉପରେ ଏ କଳସ ଢାଳିବ। ସେ ହସ୍ତୀକୁ ମେଲାଣି ଦେଇ ସମସ୍ତେ ପାଦେ ଏପରି କହି ଲୋକେ ପ୍ରାୟେ ପଡ଼ି ଶୋଇଲେ। ରାଜା ଯେଉଁ ବାଟେ ଯାଇଥିଲେ ସେହି ରାସ୍ତା ଦେଇ ହସ୍ତୀ ସାଧବ ନଗରେ ପ୍ରବେଶ କରି ବିକ୍ରମାଦିତ୍ୟଙ୍କୁ ମୁଣ୍ଡରେ ସୁବର୍ଣ୍ଣ କଳସ ଢାଳିବାରୁ ଲୋକେ ତାଙ୍କୁ ପୁନରପି ରାଜା କରାଇଲେ। ସେଠାରେ ରାଜାଙ୍କୁ ସମସ୍ତେ ଭକ୍ତିକଲେ। ରାଜା ବୋଇଲେ ଲକ୍ଷ୍ମୀଧର ସାଧବଙ୍କୁ ବେଗେ ଖୋଜି ଆଣ । ଆଜ୍ଞାପାଇ ସମସ୍ତେ ଖୋଜିଲେ, ସାଧବକୁ ନ ପାଇ ଲୋକେ ରାଜାଙ୍କୁ

ଜଣାଇଲେ । ରାଜା ବିସ୍ମିତ ହୋଇ କହିଲେ - ସାଧବ ମୋର ଉପକାର କରିଛି ତାଙ୍କୁ ବେଗେ ମୋ ପାଖେ ହାଜର କରାଅ । ପୁନଶ୍ଚ ଡ଼ଗରମାନେ ଯାଇ ଖୋଜି ରାଜାଙ୍କ ଛାମରେ ଦେଲେ, ସାଧବ ବହୁତ ବିନୟ ହୋଇ କହିଲା, ମୁଁ ଆପଣଙ୍କଠାରେ ଅପରାଧ କଲି ମୋତେ କ୍ଷମା କରନ୍ତୁ । ରାଜା ବୋଇଲେ ତୁମ୍ଭର ଉପକାର ମୁଁ ଶୁଝି ପାରିବି ନାହିଁ। ସାଧବ କହିଲେ ତୁମ୍ଭଙ୍କୁ ଲକ୍ଷ୍ମୀ ଅନୁଗ୍ରହ କଲେ । ଏମନ୍ତ କହି ସେ ରାଜାଙ୍କୁ ପାଟବସ୍ତ୍ର ଦେଲେ । ସାଧବ ସେ ରାଜ୍ୟରେ ମନ୍ତ୍ରୀପଣେ ରହିଲେ । ରାଜା ହସ୍ତିରେ ବିଜେକଲେ, ରାଣୀ ଓ ସାଧବାଣୀ ହାନ୍ଦୋଳାରେ ବିଜେକଲେ। ଯାଆନ୍ତେ ଦେଖିଲେ ସେ ପୁଷ୍କରିଣୀ କୂଳେ ମଲାମାଛ ଦୁଇଗୋଟି ପଡିଛି । ରାଜାରାଣୀ ଦେଖି ହସିଲେ। ତହୁଁଯାନ୍ତେ ମହାଲକ୍ଷ୍ମୀ ବ୍ରାହ୍ମଣୀ ରୂପେ ଆସି ପୁଅ ଦୁଇଟିକୁ ଦେଇଦେଲେ । ପୁତ୍ରକୁ ଘେନି ରାଜା ଆପଣା ରାଜ୍ୟେ ପ୍ରବେଶ ହେଲେ। ପାତ୍ରମନ୍ତ୍ରୀମାନେ ଆସିଲେ, ଲକ୍ଷ୍ମୀଧର ସାଧବଙ୍କୁ ଉଆସ ତୋଳାଇଦେଲେ । ରାଜା ବିସ୍ମୟ ହୋଇ ରାଣୀଙ୍କୁ ପଚାରିଲେ ଆମ୍ଭର ରାଜ୍ୟ କାହିଁକି ଭ୍ରଷ୍ଟ ହେଲା ଓ କି ପୁଣ୍ୟ ବଳରେ ଆମ୍ଭେ ଏହା ପୁନରପି ପାଇଲେ ? ରାଣୀ ବୋଇଲେ ତୁମ୍ଭେ ମୋ ବ୍ରତ ମନ୍ତ୍ରୀକି ଦେବାରୁ ଆମ୍ଭେ ହତଲକ୍ଷ୍ମୀ ହେଲୁ । ପୁନଶ୍ଚ ବ୍ରତ କରିବାରୁ ରାଜତ୍ୱ ପ୍ରାପ୍ତ ହେଲା । ରାଜା ବୋଇଲେ ବ୍ରାହ୍ମଣଙ୍କୁ ଡାକି ବ୍ରତ ବିଧାନ କହ ଶୁଣିବା । ଆଜ୍ଞା ପ୍ରମାଣେ ବ୍ରାହ୍ମଣ ଆସି ପଦ୍ମପୁରାଣ କଥା କହିଲେ। ଯେଉଁଦିନ ଶୁକ୍ଳପକ୍ଷ ଦଶମୀ ଗୁରୁବାର ପଡ଼ିବ ସେଦିନ ସୁଦଶା ବ୍ରତ ହୁଏ। ଦଶଖିଅ ସୂତା ତ୍ରିଗୁଣ କରିବ, ପୁଷ୍ପ ଦଶପ୍ରକାର ଓ ମଣ୍ଡା ଦଶଗୋଟି କରିବ। ଏ ଉ ରେ ଚତୁବର୍ଷରେ ଉଦ୍ୟାପନ କରିବ । ଉଦ୍ୟାପନ ପାଳିଲେ ସୁବର୍ଣ୍ଣର ଦଶ, ନାଡ଼ୁ, ଦୁବ ଦଶଗୋଟି ପଇତା, ଦୁବ ଦଶଟି, କଜ୍ଜଳପାତି ଦଶଟି, ନୂଆକୁମ୍ଭ ଦଶଟି, ଏସବୁର ସୁବର୍ଣ୍ଣର କରିବ ହେ ରାଜା ! ଏମନ୍ତ ବିଧାନ କଲେ ସକଳ ସିଦ୍ଧି ହୁଏ। ଏ ବ୍ରତ କରି ଉଦ୍ୟାପନା ନ କଲେ ବଡ଼ ଦୋଷ । ସେ ରାଜା ଏହିମତେ ବ୍ରତ କରିବାକୁ ଏକ ଦ୍ୱୀପରୁ ସପ୍ତଦ୍ୱୀପ ଯାଏ ଶ୍ରୀଲକ୍ଷ୍ମୀଙ୍କ କୃପାରୁ ରାଜା ହୋଇଥିଲେ। ଏ ବ୍ରତର ମହିମା ବଡ଼ । ଯେଉଁମାନେ ଏ ବ୍ରତ କରନ୍ତି ସ୍ୱର୍ଗ ସମ୍ପଦ ପାଆନ୍ତି । ସେ ଦରିଦ୍ର ହଅନ୍ତି ନାହିଁ ।

ଇତି ଶ୍ରୀ ମହାଲକ୍ଷ୍ମୀ ସୁଦଶା ବ୍ରତ କଥା ସମ୍ପୂର୍ଣ୍ଣ ।

**ପ୍ରକାଶକ : ଓଡ଼ିଆ ନାରୀ ଡଟ୍ କମ୍**

Brought to you by : **oriyanari.com**